ସହାୟକ ବାଣିଜ୍ୟିକ ଟିକସ

ଅଧିକାରୀ ତଥା ମନୋରଞ୍ଜନ ଟିକସ ଅଧିକାରୀ

ବନାମ

ଶ୍ରୀ ନରସିଂହ ଏବଂ ଅନ୍ୟମାନେ

ଏପ୍ରିଲ 2, 1997

[କେ. ରାମସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*କର୍ଣ୍ଣାଟକ ମନୋରଞ୍ଜନ ଟିକସ ଅଧିନିୟମ, 1958:ଧାରା 6-B (1996ରେ କର୍ଣ୍ଣାଟକ ଅଧିନିୟମ 14 ଦ୍ୱାରା ସନ୍ନିବେଶିତ) ।*

*କର୍ଣ୍ଣାଟକ ମନୋରଞ୍ଜନ ଟିକସ ନିୟମ, 1959:ନିୟମ 29-F ।*

*ମନୋରଞ୍ଜନ ଟିକସ -ଟିକସ ଫାଙ୍କି କାରବାର -ପୁନର୍ବାର କର ନିର୍ଦ୍ଧାରଣ କରିବା ଏବଂ ଟିକସ ଫାଙ୍କି କାରବାରର ପୁନଃମୂଲ୍ୟାଙ୍କନ କରିବାର କ୍ଷମତା –ତମାଦି ଅବଧି -ଅଧିସୂଚନା ସଂଖ୍ୟା FD, 194 CEX-76 ତାରିଖ 30 ନଭେମ୍ବର, 1976 -ବିଚାରାଧୀନ କର ନିର୍ଦ୍ଧାରଣ ସମ୍ପର୍କିତ ଅବଧି ସମାପ୍ତ ହେବାଠାରୁ ପାଞ୍ଚ ବର୍ଷ ଅବଧି ସ୍ଥିର କରିବା -ନିର୍ଣ୍ଣୟ ହେଲା, କ୍ଷମତା 30 ନଭେମ୍ବର, 1976 ରୁ ନିୟମ କାର୍ଯ୍ୟକାରୀ ହେବା ତାରିଖ ଠାରୁ ପାଞ୍ଚ ବର୍ଷ ପଛକୁ ଜଡିତ-ସମ୍ପୃକ୍ତ କର ନିର୍ଦ୍ଧାରଣ ସମ୍ବନ୍ଧରେ, 1976 ମସିହା ନଭେମ୍ବର 30 ତାରିଖ ପୂର୍ବର ପାଞ୍ଚ ବର୍ଷର ଅବଧି ପାଇଁ ଟିକସ ଫାଙ୍କି କାରବାରର ପୁନଃମୂଲ୍ୟାଙ୍କନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ କ୍ଷମତା ଦିଆଯାଇଛି ।*

ଦେୱାନୀ ଅପିଲିୟ ଅଧିକାରିତା : 1986 ର ଦେୱାନୀ ଅପିଲ ସଂଖ୍ୟା 1780-86

1985ର ଡବ୍ଲୁ.ଏ. ସଂଖ୍ୟା 1640-1646ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର 13.9.85 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପାଇଁ ଏମ୍. ବୀରାପ୍ପା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଶେଷ ଅନୁମତି ଦ୍ୱାରା ଏହି ଅପିଲଗୁଡିକ ରିଟ୍ ଅପିଲ ସଂଖ୍ୟା 1640-46/85ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ମିଳିତ ରାୟରୁ ଉତ୍ପନ୍ନ ।

ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ କର୍ଣ୍ଣାଟକ ବ୍ୟବସ୍ଥାପିକା, ସଂଶୋଧନ ଅଧିନିୟମ, 1966 (1966ରେ କର୍ଣ୍ଣାଟକ ଅଧିନିୟମ 14) ଦ୍ୱାରା କର୍ଣ୍ଣାଟକ ମନୋରଞ୍ଜନ ଟିକସ ଅଧିନିୟମ, 1958 ରେ ଧାରା 6-B ପ୍ରଚଳନ କରିଥିଲା, ଯାହା 16 ମଇ, 1966 ରୁ କାର୍ଯ୍ୟକାରୀ ହୋଇଥିଲା ଯାହା ନିମ୍ନଲିଖିତ ଭାବରେ ଲେଖା ଯାଇଛି:

6-B ପ୍ରବେଶ ପାଇଁ ଦେୟ, ଇତ୍ୟାଦି, କର ଆକଳନରୁ ରକ୍ଷା ପାଇବା - (1) ଯେଉଁଠାରେ, ଯେକୌଣସି କାରଣରୁ, (1) କୌଣସି ମାଗଣା ପ୍ରବେଶ ପତ୍ର କିମ୍ବା କୌଣସି ମନୋରଞ୍ଜନ ପ୍ରବେଶ ପାଇଁ କୌଣସି ଦେୟ ଧାରା 3 କିମ୍ବା ଧାରା 3-A ଅନୁଯାୟୀ କର ମୂଲ୍ୟାଙ୍କନରୁ ବଞ୍ଚିଯାଇଛି କିମ୍ବା

(ii) କୌଣସି ଚଳଚ୍ଚିତ୍ର ପ୍ରଦର୍ଶନ ଧାରା 4 କିମ୍ବା 4-A ଅନୁଯାୟୀ ଟିକସ ମୂଲ୍ୟାଙ୍କନରୁ ରକ୍ଷା ପାଇଛି କିମ୍ବା

(iii) ଏପରି ଟିକେଟ୍, ଦେୟ କିମ୍ବା ପ୍ରଦର୍ଶନୀ ଧାରା 3 କିମ୍ବା ଧାରା 3-A କିମ୍ବା ଧାରା 4 କିମ୍ବା ଧାରା 4-A ଅନୁଯାୟୀ ମୂଲ୍ୟାଙ୍କନଯୋଗ୍ୟ ହାରଠାରୁ କମ୍ ହାରରେ ମୂଲ୍ୟାଙ୍କନ କରାଯାଇଛି ।

ଉପଧାରା (1) କିମ୍ବା ଧାରା 6-A ଅଧୀନରେ ନିର୍ଦ୍ଧାରିତ କର୍ତ୍ତୃପକ୍ଷ, ଉପଧାରା (2) ର ବ୍ୟବସ୍ଥାଗୁଡ଼ିକର ବଶବର୍ତ୍ତୀ ରହି, ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯେକୌଣସି ସମୟରେ, ନିଜର ସର୍ବୋତ୍ତମ ବିଚାର ଉପରେ ଯଥାସ୍ଥିତି ଧାରା 3 କିମ୍ବା ଧାରା 3-A କିମ୍ବା ଧାରା 4 କିମ୍ବା ଧାରା 4-A ଅନୁଯାୟୀ, ମାଲିକଙ୍କୁ ନୋଟିସ ଜାରି ପରେ ଏବଂ ଆବଶ୍ୟକ ବୋଲି ବିବେଚନା କରୁଥିବା ତଦନ୍ତ କରିବା ପରେ, ସେହି ଟିକେଟ ଉପରେ, ଦେୟ କିମ୍ବା ପ୍ରଦର୍ଶନ ଉପରେ ଧାର୍ଯ୍ୟ ହାରର ମୂଲ୍ୟାଙ୍କନ କିମ୍ବା ପୁନଃମୂଲ୍ୟାଙ୍କନ କରିପାରିବେ ।"

ପାଞ୍ଚ ବର୍ଷର ସୀମା ଅବଧି ନିର୍ଦ୍ଦିଷ୍ଟ କରୁଥିବା ଆଇନ ଅଧୀନରେ ପ୍ରଣୀତ ନିୟମାବଳୀର ନିୟମ 29-F ସଂଶୋଧନ ଏବଂ ଗଠନ କରି ଅଧିସୂଚନା ସଂଖ୍ୟା FD. 194 CEX-76 ତାରିଖ 30.11.1976 ର କାର୍ଯ୍ୟାନ୍ୱୟନ ଦ୍ୱାରା ଲୁକ୍କାୟିତ କାରବାରର ପୁନଃମୂଲ୍ୟାୟନ କରିବାକୁ ଅନୁରୋଧ କରାଯାଇଥିଲା । ଏହା ନିମ୍ନରେ ଦିଆଗଲା:

"29-F - ଯେଉଁ ସମୟ ମଧ୍ୟରେ ଧାରା 6B ଅଧୀନରେ କ୍ଷମତା ପ୍ରୟୋଗଯୋଗ୍ୟ, ତାହା ଉକ୍ତ ମୂଲ୍ୟାଙ୍କନ ସମ୍ବନ୍ଧୀୟ ଅବଧିର ସମାପ୍ତିରୁ ପାଞ୍ଚ ବର୍ଷ ହେବ ।"

ଉତ୍ତରଦାତାମାନେ ଯୁକ୍ତି କରିଛନ୍ତି ଯେ ପୁନର୍ବାର କର ଆକଳନ କରିବା ଏବଂ ନଭେମ୍ବର 30, 1976 ପରେ ଲୁକ୍କାୟିତ କାରବାରକୁ ପୁନଃ ଆକଳନ କରିବାର କୌଣସି କ୍ଷମତା ଅପିଲକାରୀମାନଙ୍କର ନାହିଁ । ଉକ୍ତ ଯୁକ୍ତି ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ସମର୍ଥିତ ହୋଇଥିଲା, ଯାହା ଦୁଇଜଣିଆ

ଖଣ୍ଡପୀଠଙ୍କ ଦ୍ୱାରା ଆବେଦନକୁ ତୁରନ୍ତ ଖାରଜ କରି ନିଷ୍ପିତ ହୋଇଥିଲା । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ।

ଅଧିନିୟମର ଧାରା 6-B ପଢିବା ସ୍ପଷ୍ଟ ଭାବରେ ସୂଚିତ କରେ ଯେ ଯେଉଁଠାରେ କୌଣସି କାରଣରୁ, କୌଣସି ମାଗଣା ଟିକେଟ୍ କିମ୍ବା କୌଣସି ମନୋରଞ୍ଜନ ପାଇଁ ପ୍ରବେଶ ପାଇଁ କୌଣସି ଦେୟ ଧାରା 3 କିମ୍ବା ଧାରା 3-A ଅନୁଯାୟୀ ଟିକସ ମୂଲ୍ୟାଙ୍କନରୁ ବଞ୍ଚିଯାଇଛି, କିମ୍ବା କୌଣସି ଚଳଚ୍ଚିତ୍ର ପ୍ରଦର୍ଶନ ଧାରା 4 କିମ୍ବା 4-A ଅନୁଯାୟୀ ଟିକସ ମୂଲ୍ୟାଙ୍କନରୁ ବଞ୍ଚିଛି, କିମ୍ବା ଏପରି ଟିକେଟ୍, ଦେୟ କିମ୍ବା ପ୍ରଦର୍ଶନୀ ଧାରା 3 କିମ୍ବା 3-A କିମ୍ବା ଧାରା 4 କିମ୍ବା 4-A ଅନୁଯାୟୀ ମୂଲ୍ୟାଙ୍କନ ଯୋଗ୍ୟ ହାରଠାରୁ କମ୍ ହାରରେ ମୂଲ୍ୟାଙ୍କନ କରାଯାଇଛି, ସେପରିସ୍ଥଳେ କର୍ତ୍ତୃପକ୍ଷଙ୍କୁ ଧାରା 6-A ର ଉପ-ଧାରା (1) ଅନୁଯାୟୀ, ଧାରା 6-A ର ଉପ-ଧାରା (2) ର ବ୍ୟବସ୍ଥା ଅନୁଯାୟୀ, ତାଙ୍କ ସର୍ବୋତ୍ତମ ବିଚାର ଅନୁସାରେ, ଧାରା 3 କିମ୍ବା 3-A କିମ୍ବା ଧାରା 4 କିମ୍ବା 4-A ଅନୁଯାୟୀ ଏପରି ଟିକେଟ୍, ଦେୟ କିମ୍ବା ପ୍ରଦର୍ଶନୀ ଉପରେ ପ୍ରାପ୍ୟ ହାର ପୁନଃମୂଲ୍ୟାୟନ କରିବାର କ୍ଷମତା ଦିଆଯାଇଛି । କିନ୍ତୁ ଏହା କେବଳ ମାଲିକଙ୍କୁ ନୋଟିସ ଜାରି ପରେ ଏବଂ ଆବଶ୍ୟକ ବୋଲି ବିବେଚନା କରୁଥିବା ତଦନ୍ତ କରିବା ପରେ କରାଯିବା ଉଚିତ । ଟିକସ ଫାଙ୍କି କାରବାର ପୁନଃମୂଲ୍ୟାୟନ କରାଯାଇପାରିବା ସମୟ ପାଇଁ ସୀମା ପୂର୍ବରୁ ନିର୍ଦ୍ଧାରିତ ହୋଇନଥିବାରୁ, ନିୟମ 29-F ପ୍ରସ୍ତୁତ କରାଯାଇଥିଲା ଏବଂ 30 ନଭେମ୍ବର, 1976 ରୁ କାର୍ଯ୍ୟକାରୀ ହୋଇଥିଲା । ନିୟମ 29-F ଅନୁଯାୟୀ ଦେଖାଯାଇଥିବା ପରି, ଧାରା 6B ଅନୁଯାୟୀ କ୍ଷମତା ପ୍ରୟୋଗ କରିବାର ସମୟ ଧାର୍ଯ୍ୟ କରାଯାଇଛି, "ପ୍ରଶ୍ନରେ ଥିବା କର ଆକଳନ ସମ୍ପର୍କିତ ସମୟର ଶେଷ ହେବା ଠାରୁ ପାଞ୍ଚ ବର୍ଷ ହେବ ।" ଅନ୍ୟ ଶବ୍ଦରେ, ଏହା ନଭେମ୍ବର 30, 1976 ରୁ ନିୟମ କାର୍ଯ୍ୟକାରୀ ହେବା ତାରିଖ ଠାରୁ ପାଞ୍ଚ ବର୍ଷ ପଛକୁ ଜଡିତ । ଯଦି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଖ୍ୟା କାର୍ଯ୍ୟକାରୀ ହୁଏ, ସଂଶୋଧିତ ନିୟମ 29-F ସଂଶୋଧନ କାର୍ଯ୍ୟକାରୀ ହେବାର ପାଞ୍ଚ ବର୍ଷ ପରେ, ଅର୍ଥାତ୍ ନଭେମ୍ବର 30, 1976, ପାଞ୍ଚ ବର୍ଷ ଆଗକୁ କାର୍ଯ୍ୟକାରୀ ହେବ । ତାହା ଏହି ନିୟମର ଉଦ୍ଦେଶ୍ୟ ହେବ ନାହିଁ । ଫଳସ୍ୱରୂପ, ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ ଏହି ରାୟ ଦେବାରେ ତ୍ରୁଟି କରିଛନ୍ତି ଯେ ନଭେମ୍ବର 30, 1976 ଠାରୁ ପାଞ୍ଚ ବର୍ଷ ପୂର୍ବରୁ ଟିକସ ଫାଙ୍କି କାରବାରର ପୁନଃ ନିର୍ଦ୍ଧାରଣ ସଠିକ୍ ନୁହେଁ ।

ତେଣୁ, ଅପିଲ ଗୁଡ଼ିକୁ ଅନୁମତି ଦିଆଯାଇଛି । ସମ୍ପୃକ୍ତ କର ମୂଲ୍ୟାଙ୍କନ ସମ୍ବନ୍ଧରେ, 1976 ମସିହା ନଭେମ୍ବର 30 ତାରିଖ ପୂର୍ବର ପାଞ୍ଚ ବର୍ଷର ଅବଧି ପାଇଁ ଲୁକ୍କାୟିତ କାରବାରର ପୁନଃମୂଲ୍ୟାଙ୍କନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ କ୍ଷମତା ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲଗୁଡ଼ିକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।